# Akashvani, Sambalpur

## SAMBALPURI NEWS BULLETIN

### 17 September 2024- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ତାଙ୍କର୍ ଜନମ୍ ଦିନ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ଇ ଯୋଜ୍‌ନାଥି ୫ ହଜାର୍ ଟଙ୍କାର୍ ପହେଲା କିସ୍ତି ହିତାଧିକାରୀମାନ୍‌କର୍ ଏକାଉଂଟ୍‌କେ ଡିବିଟି ଜରିଏ ଦିଆଯିବା । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ୨୬ ଲାଖ୍ ପିଏମ୍ ଆବାସ ଗ୍ରାମୀଣ୍ ଆଉ ସହରାଂଚଲ୍ ହିତାଧିକାରୀଙ୍କର୍ ଗୃହପ୍ରବେଶ୍ କରାବାର୍ କାର୍ଯ୍ୟକ୍ରମ୍ ରହିଛେ । ଆଏଜ୍ ଦିନର୍ ୧୧ ବଜେ ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବେ । ସେନୁ ପ୍ରଧାନ୍‌ମନ୍ତ୍ରୀ ସିଧାସଲଖ୍ ମଂଚେଶ୍ୱର୍‌ର ଗାଡ଼କଣ ବସ୍ତି ଯାଇକରି ସେନେ ପାଖାପାଖି ଅଧାଘଂଟା ରହିକରି ପିଏମ୍ ଆବାସ ଯୋଜ୍‌ନାର୍ ହିତାଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା

କର୍‌ବେ । ସେନୁ ବାହାରିକରି ୧୨ ବଜେ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ପୁହୁଁଚିବେ । ସେନ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବାର୍ ସହେତେ ଅନେକ୍ ପ୍ରକଳ୍ପର୍ ଶିଳାନ୍ୟାସ୍ କର୍‌ବେ । ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ପାଖାପାଖ୍ଲି ୨ ହଜାର୍ ୮ ଶହ ୭୧ କୋଟିର ରେଲ୍‌ପ୍ରକଳ୍ପ ଆଉ ୧ ହଜାର୍ କୋଟି ଜାତୀୟ ରାଜ୍‌ପଥ ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ସେ ୧୦ ଲାଖ୍ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା ଗ୍ରାମୀଣ୍ ଆଉ ସହରାଂଚଲ୍ ହିତାଧିକାରୀଙ୍କୁ ପହେଲା କିସ୍ତି ଦେବେ ।

ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଆବାସ୍ ପ୍ଲସ୍-୨୦୨୪ ଆପ୍‌କେ ଲୋକାର୍ପଣ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଭୁବ୍‌ନେଶ୍ୱର୍ ନ ପାଖାପାଖ୍ଲି ଅଢ଼େଇ ଘଂଟା ରହେବାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ୧ ବାଜିକରି ୨୫ ମିନିଟ୍‌ଥି ଦିଲ୍ଲୀ ଫିରିଯିବେ ।

ମହିଳା, ଶିଶୁ ବିକାଶ୍ ବିଭାଗ୍-ସୁଭଦ୍ରା   ଆର୍‌ଏନ୍‌ୟୁ /ସମ୍ବଲପୁର

ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ସୁଭଦ୍ରା ଯୋଜ୍‌ନାକେ ନେଇକରି ଫେର୍‌ଘାଏ ସ୍ପଷ୍ଟ କରିଛେ । ହିତାଧିକାରୀମାନ୍‌କର୍

ବେଙ୍କ୍ ଖାତା ଚାଲୁଛେ କି ନାଇଁ ସେଟା ପରୀକ୍ଷା କର୍‌ବାର୍ ସହେତେ ସ୍ୱଚ୍ଛତା ଅନୁଧାନ୍ କର୍‌ବାର୍ ଲାଗି ହିତାଧିକାରୀଙ୍କର୍ ବେଙ୍କ୍ ଏକାଉଂଟ୍‌କେ ପରୀକ୍ଷାମୂଲକ୍ ଭାବେ ଟଙ୍କାଟେ ଲେଖା ପଠାଯାଇଛେ । ଇତାର୍‌ଉତ୍‌ରୁ ଏସ୍‌ଏମ୍‌ଏସ୍ ଜରିଏ ହିତାଧିକାରୀମାନ୍‌କେ ଭିଲ୍ ଜନେଇ ଦିଆଯାଉଛେ । ଏକାଉଂଟ୍‌କେ ଟଙ୍କାଟେ ଦେବାର୍‌ଟା ଗୁଟେ ନିରନ୍ତର୍ ପ୍ରକ୍ରିୟା ଆଏ । ଯେନ୍‌ମାନ୍‌କର୍ ଏକାଉଂଟ୍‌କେ ଟଙ୍କାଟେ ନାଇଁ ଯାଇ ସେମାନ୍‌କର୍ ଆବେଦନ୍ ଫର୍ମ ବିଚାରାଧୀନ୍ ଅଛେ । ଆବେଦନ୍‌ଫର୍ମ ମାନ୍‌କର୍ ଯାଂଚ୍ ଉତ୍‌ରୁ ଅଲ୍‌ଗା ଯୋଗ୍ୟ ହିତାଧିକାରୀମାନ୍‌କର୍ ବେଙ୍କ୍ ଖାତାକେ ଭିଲ୍ ପରୀକ୍ଷାମୂଲକ୍ ଭାବେ ଟଙ୍କାଟେ ଦିଆଯିବା ବଲି ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ତର୍‌ଫୁ ସ୍ୱଷ୍ଟ କରିଦିଆଯାଇଛେ ।

ବିକାଶ୍ ମେଲା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସବୁ ଜିଲ୍ଲା ନ ଆଏବା ଗୁରୁବାର୍ ନୁ ୨୨ ତାରିଖ୍‌ତକ୍ ବିକାଶ୍ ମେଲା ଆୟୋଜନ୍ କରାଯିବା । ଇଥି ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ କଲ୍ୟାଣ୍‌କାରୀ ଯୋଜ୍‌ନା ସାଙ୍ଗେ ଶହେ ଦିନର୍ ବିଭାଗୀୟ କାର୍ଯ୍ୟକଲାପ ଆର୍ ସଫଲତା ବିଷେ ପ୍ରଚାର୍

ପ୍ରସାର୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ଗୁରୁବାର୍ ଦିନ ପୁରୀନୁ ଇ ମେଳାର୍ ଉଦ୍‌ଘାଟନ୍ କର୍‌ବେ । ଇ ମେଳାଥି ଭିନ୍ ଭିନ୍ ବିଭାଗ୍‌ର ୫୦ ଟା ଷ୍ଟଲ୍ ସାମିଲ୍ ହେବାର୍‌କେ ଥିବାର୍ ବେଲେ ୨୫ ହଜାର୍‌ନୁ ଅଏତ୍‌କା ଲୋକ୍ ଯୋଗ୍ ହେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେନ୍ତା ୨୨ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ କେନ୍ଦୁଝର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ହେବାର୍‌କେ ଥିବାର୍ ମେଳାଥି ଯୋଗ୍ ଦେବେ । ଇ ତିନ୍‌ହି ଜିଲ୍ଲାକେ ଛାଡ଼ିଦେଲେ ବାକି ୨୭ ଟା ଜିଲ୍ଲା ନ ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ସଦସ୍ୟ ମାନେ ସାମିଲ୍ ହେବେ ।

ମେଡ଼ିକାଲ୍ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ମେଡ଼ିକାଲ୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ସଂଶୋଧିତ୍ ମେଧା ତାଲିକା ବାହାରିଛେ । ଛାତ୍ରଛାତ୍ରୀମାନେ ଆଏବା ୨୩ ତାରିଖ୍ ଭିତ୍‌ରେ ଚଏସ୍ ଫିଲିଂ ଆଉ ଲକିଂ କରିପାର୍‌ବେ । ଦୁଇ ନମ୍ବର୍ ଖେପ୍ ପ୍ରଭିଜ୍‌ନାଲ୍ ଏଲଟ୍‌ମେଂଟ୍ ୨୪ ତାରିଖ୍ ଉପର୍‌ବେଲା ୫ ବଜେ ବାହାର୍‌ବା ଆଉ ତାର୍ ଆରଦିନ ସଞ୍ଜର୍ ୫ ବଜେତକ୍ ସିଟ୍ ଆବଂଟନ୍‌କେ ନେଇକରି ଛାତ୍ରଛାତ୍ରୀ

ଅଭିଯୋଗ୍ କରିପାର୍‌ବେ । ୨୬ ତାରିଖ୍ ଦିନ ଚୂଡ଼ାନ୍ତ ଆବଂଟନ୍ ତାଲିକା ବାହାର୍‌ବା ବଲି ଓଜେଇଇ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ମୁଲ୍ ହେଇଥିବା ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ୍ ଆଏଜ୍ ଜିଲ୍ଲାସ୍ତର୍ ନ ମୁଲ୍ ହେବା । ଜିଲ୍ଲାପାଲ୍‌ମାନେ ଇତାର୍ ଶୁଭାରମ୍ଭ କର୍‌ବେ । ସେନ୍ତା ଆଏବା ୧୯ ତାରିଖ୍‌ନୁ ୨୧ ତାରିଖ୍‌ତକ୍ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ତର୍‌ଫୁ ଜିଲ୍ଲାସ୍ତର୍ ନ ପାଲନ୍ ହେବା । ୨୪ ତାରିଖ୍‌ନୁ ୨୭ ତାରିଖ୍‌ତକ୍ ବ୍ଲକ୍ ଶିକ୍ଷା ଅଧିକାରୀ ଆଉ ୨୬ ନୁ ୨୭ ତାରିଖ୍ ଜିଲ୍ଲା ପରିଷଦ୍ ଅଧକ୍ଷଙ୍କର୍ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ଇତାର୍‌ସହେତେ ଆଏଜ୍‌ଠାନୁ ଅକ୍ଟୋବର୍ ୫ ତାରିଖ୍‌ତକ୍ ସ୍କୁଲ୍‌ମାନ୍‌କେ ଭିଲ୍ ଇ କାର୍ଯ୍ୟକ୍ରମ୍ କରାଯିବା ।

ବନ୍ଦେ ଭାରତ୍ ଟ୍ରେନ୍- କଲାହାଣ୍ଡି ଆର୍‌ଏନ୍‌ୟୁ /ସମ୍ବଲପୁର

କଲାହାଣ୍ଡି ଜିଲ୍ଲା କେସିଙ୍ଗା ରେଲ୍‌ଷ୍ଟେସନ୍ ଠାନେ ବନ୍ଦେ ଭାରତ୍ ଟ୍ରେନ୍‌କେ ଗଲାକାଏଲ୍ ସ୍ୱାଗତ୍ କରାଯାଇଛେ । ସାଂସଦ୍

ମାଲବିକା ଦେବୀ କେସିଙ୍ଗା ଷ୍ଟେସନ୍ ନ ଶାଗୁଆପତାକା ଦେଖେଇଥିଲେ । ଇ ବନ୍ଦେ ଭାରତ୍ ଟ୍ରେନ୍ ଲାଗି ପଡ଼ୋଶୀ ଛତିଶ୍‌ଗଡ୍, ଆନ୍ଧ୍ରପ୍ରଦେଶ୍‌କେ କଲାହାଣ୍ଡି ଜିଲ୍ଲା ଜୁଡ଼ି ହେବା ଆଉ ଇଥି ଅଂଚଲ୍ ଇଲାକାର୍ ଲୁକେ ସହଜ୍ ଆର୍ ସୁବିଧାଥି ଉତମ୍ ସ୍ୱାସ୍ଥ୍ୟସେବା ପାଇପାର୍‌ବେ ବଲି ସାଂସଦ୍ ମାଲବିକା ଦେବୀ କହିଥିଲେ ।

ଅନନ୍ତ ବ୍ରତ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ଭୁଦୋ ମାସର୍ ଉଜଲ୍‌ପଖର୍ ଚତୁର୍ଦ୍ଦଶୀ ତିଥି । ଆଝିର୍ ଦିନେ ଶ୍ରୀ ଶ୍ରୀ ଅନନ୍ତ ଦେବଙ୍କର୍ ବ୍ରତ ପାଲନ୍ କରାଯାଏସି । ଇ ପବିତ୍ର ଦିନ୍ ଭଗବାନ୍ ବିଷ୍ଣୁଙ୍କୁ ସମର୍ପିତ ଆଏ । ବିଷ୍ଣୁଙ୍କର୍ ସହେତେ ଗଣେଶ୍‌ଙ୍କର୍ ପାଖେ ଭିଲ୍ ଇ ପୂଜା କର୍‌ବାର୍ ବିଧି ରହିଛେ । ସୁଖ୍ ଆଉ ସୌହାର୍ଦ୍ଦ୍ୟ କାମନା କରିକରି ଅନନ୍ତ ଚତୁର୍ଦ୍ଦଶୀ ତିଥି ଥି ପୁରୁଷ ଆଉ ମହିଳାମାନେ ଇ ବ୍ରତ ପାଲନ୍ କର୍‌ସନ୍ । ଇ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ସ୍ୱତନ୍ତ୍ର ନୀତିକାନ୍ତି ପାଲନ୍ କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ବର୍ଷାର୍ ପ୍ରଭାବ୍ କମ୍‌ବା । ବଙ୍ଗୋପ୍‌ସାଗର୍‌ନ ସୃଷ୍ଟି ହେଇଥିବା ଲଘୁଚାପ୍ ଏଛେନ୍ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଲାଗିକରି ଝାର୍‌ଖଣ୍ଡ୍ ଉପ୍‌ରେ ରହିଛେ । ଓଡ଼ିଶାନୁ ଇଟା ଦୁର୍‌କେ ଯାଉଥିବାର୍‌ନୁ ରାଏଜେ ଇତାର୍ ପ୍ରଭାବ୍ କମ୍‌ବାର୍‌କେ ଲାଗିଛେ । ଗଲାକାଏଲ୍ ରାଏଜେ କେତେଟା ଇଲାକା ଛାଡ଼ିଦେଲେ ପାଗ୍ ସୁଖା ଥିଲା । ଆଏଜ୍‌ଠାନୁ ତିଥି ଥି ଆହୁରି ସୁଧାର୍ ଆସ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ ।